**ଜଗନ୍ନାଥ ସୂତାକଳ ଜରାଜୀର୍ଣ୍ଣ**

# ପୁନରୁଦ୍ଧାର ଅପେକ୍ଷାରେ ୧୦ ହଜାର ପରିବାର



**ବଡମ୍ବା ଚିନିକଳ ଓ ଆଠଗଡ଼ ଶୀତଳ ଭଣ୍ଡାର ପୁନରୁଦ୍ଧାର ପାଇଁ ପ୍ରଶାସନିକ ତତ୍ପରତା**

**ନୂଆପାଟଣା ଜଗନ୍ନାଥ ସୂତାକଳ ପୁନରୁଦ୍ଧାର ନେଇ ସରକାର ନିରବ**

**୨୦ ବର୍ଷ ଧରି ଭାତହାଣ୍ଡିରେ ତାଲା ଝୁଲୁଛି**

ଡିଗିରିଆ, ୧।୧ (ସମିସ):

ବଡମ୍ବା ବ୍ଲକର ସୁନାପାଳସ୍ଥିତ ଚିନିକଳ ଓ ଆଠଗଡ଼ ବୀରକିଶୋରପୁରସ୍ଥିତ ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ଦିଗରେ ସରକାର ତତ୍ପର ଥିବା ନେଇ ସ୍ଥାନୀୟ ବେକାର ଯୁବକ ଓ ଯୁବତୀଙ୍କୁ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି। ମାତ୍ର ଆଠଗଡ଼ ଉପଖଣ୍ଡ ଡିଗିରିଆ ବ୍ଲକର ନୂଆପାଟଣାଠାରେ ଥିବା ଜଗନ୍ନାଥ ସୂତାକଳର ପୁନରୁଦ୍ଧାର ଦିଗରେ ନିରବତା ନେଇ ପ୍ରଶ୍ନ ଉଠିଛି। ବଡମ୍ବା ଚିନିକଳ, ଆଠଗଡ ଶୀତଳ ଭଣ୍ଡାର ପରି ନୂଆପାଟଣା ଜଗନ୍ନାଥ ସୂତାକଳ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଅଧୀନରେ ଥିବାବେଳେ ଏହାକୁ ପୁନରୁଦ୍ଧାର ଦିଗରେ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ନୂଆପାଟଣାସ୍ଥିତ ସୂତାକଳର ପୁନରୁଦ୍ଧାର ଦିଗରେ ସରକାରୀ ଉଦାସୀନତା ସମ୍ପ୍ରତି ଡିଗିରିଆ ଅଞ୍ଚଳର ବେକାର ଯୁବକ ଯୁବତୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି।

୧୯୮୪ ଅକ୍ଟୋବର ୩୦ ତାରିଖରେ କାର୍ଯ୍ୟକ୍ଷମ ହୋଇ ଡିଗିରିଆ ବ୍ଲକ୍ ନୂଆପାଟଣାସ୍ଥିତ ଜଗନ୍ନାଥ ସୂତାକଳଟି ନିଜର ସ୍ୱାତନ୍ତ୍ର ବଜାୟ ରଖିଥିଲା। ସେ ସମୟରେ ୧୩ ଶହରୁ ବେଶୀ ପରିବାରର ପେଟକୁ ଦାନା ଯୋଗାଇ ଦେଇଥିଲା। ମାତ୍ର ରାଜନୈତିକ ଅଭିସନ୍ଧି ଓ କ୍ଷମତା ଲଢେଇ ମଧ୍ୟରେ ୨୦୦୫ଠାରୁ ଏଥିରେ ତାଲା ପଡିରହିଛି। ମିଲ୍‌ର ସୁରକ୍ଷା ଦାୟିତ୍ୱକୁ ରାଜ୍ୟ ସରକାର ଏକ ସିକ୍ୟୁରିଟି ସଂସ୍ଥାକୁ ଟେକି ଦେଇ ଚୁପ୍ ବସିପଡିଛନ୍ତି। ଏହାର ପୁନରୁଦ୍ଧାର କରାଯାଇ ବେକାର ଯୁବକଯୁବତୀଙ୍କୁ କିପରି କର୍ମସଂସ୍ଥାନ ଯୋଗାଇ ଦିଆଯାଇପାରିବ ତାକୁ ନେଇ ସରକାର ଚିନ୍ତିତ ନାହାନ୍ତି।

କେନ୍ଦ୍ର ସରକାରଙ୍କ ଶିଳ୍ପାୟନ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୧୦୦ କୋଟି ଟଙ୍କାରେ ଏହି ସୂତାକଳଟି କାର୍ଯ୍ୟକ୍ଷମ ହୋଇଥିଲା। ଏକା ସମୟରେ ଜଗନ୍ନାଥ ସୂତାକଳ (ନୂଆପାଟଣା), ଶାରଳା ସୂତାକଳ (ଜଗତସିଂହପୁର), ଗୋପିନାଥ ସୂତାକଳ (ଖୋର୍ଦ୍ଧା), କଳିଙ୍ଗ ସୂତାକଳ (ଗୋବିନ୍ଦପୁର, ଢେଙ୍କାନାଳ), ତୋରା ସୂତାକଳ (ବରଗଡ) ଓ ବାଲିଆପାଳ ସୂତାକଳ (ବାଲେଶ୍ୱର) ପ୍ରତିଷ୍ଠା ହୋଇଥିଲା। ଜଗନ୍ନାଥ ସୂତାକଳରୁ ଉତ୍ପାଦିତ ହେଉଥିବା ୬୦, ୨/୮୦, ୨/୧୦୦, ୨/୧୨୦, ୬୪ ଓ ୮୪ ଗେଜ୍‌ର ପତଳା ଟସର ଓ ଟସର ସୂତା ଉତ୍ପାଦନ ସହ ପତଳା, ହାଲ୍‌କା ଲୁଗା ଉତ୍ପାଦନ ପାଇଁ ନୂଆପାଟଣା ଜଗନ୍ନାଥ ସୂତାକଳ ସାରା ବିଶ୍ୱ ଦରବାରରେ ପରିଚିତ ଥିଲା। ମାତ୍ର ୧୯୯୫ରେ ପରିଚାଳନାଗତ ତ୍ରୁଟି ଓ ରାଜନେତାଙ୍କ ଚକ୍ରାନ୍ତର ଶିକାର ହୋଇ ଦେବାଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ୧୯୯୫ ମସିହାଠାରୁ କ୍ରମାଗତ କର୍ମଚାରୀଙ୍କ ପ୍ରୋଭିଡେଣ୍ଟ ଅର୍ଥ ହଡ଼ପ ଯୋଗୁଁ କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ଥିବା ବେଳେ ୮ ମାସର ଦରମା ନ ପାଇବାରୁ ସେ ସମୟରେ ଶ୍ରମିକ ଆନ୍ଦୋଳନର ସୂତ୍ରପାତ କରିଥିଲା। ଫଳରେ ମିଲ୍ ଗେଟ୍‌ରେ ୫ ଜାନୁୟାରୀ ୨୦୦୫ରେ ସବୁଦିନ ପାଇଁ ତାଲା ପଡ଼ିଥିଲା। ୧୦ ଜଣ ସିକ୍ୟୁରିଟି ଗାର୍ଡ ଦିନରାତି ଜଗାରଖା କରୁଥିଲେ ହେଁ ବନ୍ଦ ହେବାର ଦୁଇ ବର୍ଷ ନ ପୂରୁଣୁ ଏହାର ଷ୍ଟାଫ କ୍ୱାର୍ଟର, ଅଫିସର କ୍ୱାର୍ଟରରୁ ଝରକା, କରାଟ, ବୈଦ୍ୟୁତିକ ଉପକରଣ ସହ ଷ୍ଟାଫ କ୍ୱାର୍ଟରରେ ଥିବା ଗଛ ଚୋରି ହୋଇଥିଲା ଓ ବର୍ତ୍ତମାନ ମିଲ କହିଲେ କେବଳ ଏକ ପୁରୁଣା ଭୂତକୋଠି। ମିଲ୍‌ଟି ଡିଗିରିଆ ତହସିଲ ନୂଆପାଟଣା, ଜେମାଦେଇପୁର, ଭୋଗଡା, ବେଲଅଣ୍ଟା ଆଦି ରାଜସ୍ୱ ଗ୍ରାମକୁ ଲାଗି ପ୍ରାୟ ୮୦ ଏକର ଜମି ଉପରେ ରହିଛି। ଅସାଧୁ ଜନସାଧାରଣଙ୍କ ଦୌରାତ୍ମ୍ୟରୁ ସମ୍ପ୍ରତି କେବଳ ଯନ୍ତ୍ରପାତିକୁ ବାଦ ଦେଲେ ମିଲ ପରିସରରେ ଆଉ କିଛି ବି ନାହିଁ। ଉଦ୍‌ଘାଟନ ପରଠାରୁ ବଦଳା ଯାଇ ନଥିବା ଯନ୍ତ୍ରପାତିକୁ ବଦଳାଇବା ସହ ସବୁ କଳକବ୍‌ଜାକୁ ନବୀକରଣ କରାଗଲେ ଏହା ପୁନଃ କାର୍ଯ୍ୟକ୍ଷମ ହୋଇପାରିବ। ୧୯୮୪ ବେଳକୁ ଏହି ସୂତାକଳରେ ପ୍ରାୟ ୭ଶହ କୁଶଳୀ, ଅର୍ଦ୍ଧକୁଶଳୀ କାରିଗର ଥିବା ବେଳେ ବନ୍ଦ ବେଳକୁ ଏହା ପ୍ରାୟ ୧୩୦୭ରେ ପହଞ୍ଚିଥିଲା। ଏବେ ଏହା କାର୍ଯ୍ୟକ୍ଷମ ହେଲେ ପ୍ରାୟ ୧୫ ଶହ ଯୁବକ ଯୁବତୀ ନିଯୁକ୍ତି ପାଇପାରିବା ସହିତ ବିଶେଷ କରି ନୂଆପାଟଣା ଅଞ୍ଚଳର ୧୦ ହଜାରରୁ ଅଧିକ ପରିବାର ସ୍ୱାବଲମ୍ବୀ ହୋଇପାରିବେ। ଏବେବି ଡିଗିରିଆ ବ୍ଲକର ମୋଟ ୧୪ଟି ପଞ୍ଚାୟତରୁ ପ୍ରାୟ ୨ ହଜାର ଯୁବକ ପରିବାର ପୋଷିବା ପାଇଁ ରାଜ୍ୟ ବାହାରେ କାମ କରୁଛନ୍ତି। ସୂତାକଳଟି ପୁନଃ ଚାଲୁ ହେଲେ ସେମାନେ ଆଉ ପୁରୁଣା କର୍ମସଂସ୍ଥାନକୁ ନ ଫେରି ଏଠିଠାରେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରିପାରିବେ ବୋଲି ଆଶା ବାନ୍ଧିଛନ୍ତି। ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଏଥିନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ଆଦିବାସୀ ବସ୍ତିରେ ନୂଆବର୍ଷ ପାଳନ



ଟାଙ୍ଗୀ,୧।୧(ସମିସ): ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କାଞ୍ଜିଆ ଗ୍ରାମର ଆଦିବାସୀ ବସ୍ତିରେ ଇଂରାଜୀ ନବବର୍ଷ ପାଳନ କରିଛନ୍ତି। ସେ ଆଠଗଡ଼ ନିର୍ବାଚନମଣ୍ଡଳୀ ତଥା ଓଡ଼ିଶାବାସୀଙ୍କ ସୁସ୍ଥ ଓ ମଙ୍ଗଳ ନିମନ୍ତେ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ସମସ୍ତେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଉକ୍ତ ବସ୍ତିର ପିଲାମାନେ ଓ ଗ୍ରାମବାସୀ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର, ସମସ୍ତ ବୃଦ୍ଧବୃଦ୍ଧା ଓ ଗରିବ ପରିବାରକୁ ଶୀତବସ୍ତ୍ର ସହ ବିଭିନ୍ନ ବସ୍ତ୍ର ବଣ୍ଟନ କରାଯାଇଛି। ଯୁବ ସଂଗଠକ ସେକ ସାହାଜାନ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଜଗନ୍ନାଥ ଦାସ, ରବିନ୍ଦ୍ର କୁମାର ସାହୁଙ୍କ ସମେତ ଆଠଗଡ଼ ନିର୍ବାଚନମଣ୍ଡଳୀର ବିଭିନ୍ନ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ବିଷ୍ଣୁଚରଣ ମାଝି, ରୁଦ୍ରନାରାୟଣ ରାଉତ, ଲକ୍ଷ୍ମୀଧର ବେହେରା, ଧର୍ମାନନ୍ଦ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ମଣ୍ଡିରେ ଧାନ ବିକ୍ରୟ ନେଇ ଚାଷୀ ସଚେତନତା




ନିଶ୍ଚିନ୍ତକୋଇଲି, ୧।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ କୃଷିରଣ ସେବା ସମବାୟ ସମିତି ଧାନ ମଣ୍ଡିରେ ଚଳିତ ବର୍ଷ ଧାନ ବିକ୍ରୟ ପାଇଁ ଚାଷୀଙ୍କ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଣ୍ଡି ପରିଚାଳନା ଦାୟିତ୍ୱରେ ଥିବା କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ୟାର୍ଡ଼ମ୍ୟାନ୍ ଜୟଦେବ ବିଶ୍ୱାଳଙ୍କ ସଂଯୋଜନାରେ ଏଥିରେ ସମିତିର ସଭାପତି ଦିଲ୍ଲୀପ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ରବିନ୍ଦ୍ରନାଥ ତ୍ରିପାଠୀ, ମଣ୍ଡି ନୋଡାଲ ଅଫିସର ଆର.ଆଇ. ପ୍ରକାଶ ସିଂ, କ୍ରୟ କମିଟିର ସଭ୍ୟ ଲକ୍ଷ୍ମୀନାରାୟଣ ସାହୁ, ଅଶୋକ କୁମାର ସାହୁ, ଗୋଲଖଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଧାନ ଅମଳ ସମୟରେ କିପରି ବିଭିନ୍ନ ଅଳିଆ, କଣ୍ଟା, ଅଗାଡି ବାହାର କରି ଭଲ ଭାବରେ ସଫାସୁତୁରା କରାଯିବ ଏବଂ ଏଫ୍‌ଏକ୍ୟୁ ମାନର ଧାନ ହୋଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଆସନ୍ତା ଜାନୁୟାରୀ ୭ ତାରିଖରୁ ମଣ୍ଡି ଖୋଲାଯିବା ଥିବାରୁ ଏହାପୂର୍ବରୁ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ କୁହାଯାଇଛି। ସମିତିର ସଂପାଦକ ଶିଶିର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଳ ମୁକୁନ୍ଦଦେବଙ୍କ ପୌଷ ପୂର୍ଣ୍ଣିମା ମେଳା ଆରମ୍ଭ

ଡିଗିରିଆ, ୧।୧ (ସମିସ): ଡିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ମୁଣ୍ଡିପାଗୁଳି ପାହାଡ଼ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ବାଳମୁକୁନ୍ଦ ଦେବଙ୍କ ପ୍ରସିଦ୍ଧ ପୌଷ ପୂର୍ଣ୍ଣିମା ମେଳା ଆରମ୍ଭ ହୋଇଛି। ଭାଦ୍ରବ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପ୍ରସିଦ୍ଧ ମେଳାରେ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଛି। ଗୁରୁବାର ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଠାକୁରଙ୍କ ଅଧିବାସ ପୂଜା, ହୋମଯଜ୍ଞ ସହ ଧ୍ୱଜ ସ୍ଥାପନ ଓ ଶେଷରେ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଥିବା ମନ୍ଦିର ପୂଜକ



ଅକ୍ଷୟ କୁମାର ଦାଶ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଅଞ୍ଚଳର ସୁନାମଧନ୍ୟ ସଙ୍ଗୀତ ଗୁରୁ ତଥା ବଂଶୀବାଦକ ଦୁଃଶାସନ ସ୍ୱାଇଁଙ୍କ ଟିମ ପକ୍ଷରୁ ମନ୍ଦିର ପରିସରରେ ଭଜନ ପରିବେଷଣ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯାତ୍ରାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ ପ୍ରକାର ଅସ୍ଥାୟୀ ଦୋକାନ ତଥା ହରେକମାଲ ଦୋକାନ ଖୋଲାଯାଇଛି।

## ମାହାଙ୍ଗା ବିକାଶ ପରିଷଦର କର୍ମୀ ସମାବେଶ



ମାହାଙ୍ଗା,୧।୧(ସମିସ): ମାହାଙ୍ଗା ବ୍ଲକ କୁଆଁପାଳ ଅନ୍ତର୍ଗତ ଜାବାହରଲାଲ ନେହରୁ ମହାବିଦ୍ୟାଳୟ ପଡ଼ିଆରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମାବେଶ ଓ ନୂତନ ନର୍ଷର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ତଥା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ମାହାଙ୍ଗା ସାହିତ୍ୟ, ସଂସ୍କୃତି, ଐତିହ୍ୟସମ୍ପନ୍ନ ମାଟି ବୁଦ୍ଧିମନ୍ତ ହେବା ସହିତ ପ୍ରତ୍ୟେକ ବ୍ୟକ୍ତିର ଅର୍ଥନୈତିକ ଉନ୍ନତି ହେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ନାରୀନେତ୍ରୀ ଯାଜ୍ଞସେନୀ ଜେନା, କଟକ ଜିଲ୍ଲା ବିଜେପି ଉପସଭାପତି ମନୋରଞ୍ଜନ ନାୟକ, ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ନିର୍ମଳ ରାଉତ, ଅରୁଣ କୁମାର ସେଠୀ, ସଞ୍ଜୟ କୁମାର ବେହେରା, କୈଳାସଚନ୍ଦ୍ର ବେହେରା ଓ ବିନୋଦ କୁମାର ସାମଲ, ଶିକ୍ଷକ ନେତା ପ୍ରଫେସର ଯୁଧିଷ୍ଠିର ଖଟୁଆ, ଆମ୍ରାର ଅଧ୍ୟକ୍ଷ କିଶୋର ରାଉତ, ଅଶୋକ ଓଝା, ଆମ୍ରା ଅଧ୍ୟକ୍ଷ ଅଶୋକ କୁମାର ସାହୁ, ଦେବେନ୍ଦ୍ର ସାହୁ, ଅଭିନ୍ନ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା କନକଲତା ବେହେରା, ଅଶୋକ କୁମାର ବିଶ୍ୱାଳ, ବିଚିତ୍ରାନନ୍ଦ ତ୍ରିପାଠୀ, ଦେବବ୍ରତ କର, ପିତାମ୍ବର ମହାନ୍ତି, ପନଗଭୂଷଣ ଦାସ, ଆଇନଜୀବୀ ନିୟତି ରଞ୍ଜନ ସାମଲ ଓ ଗୌତମ ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପିଏନ୍‌ବିର ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, ୧।୧(ସମିସ): କଟକ-ଚାନ୍ଦବାଲି ରାସ୍ତା ପାଶ୍ୱର୍ କେନ୍ଦୁପାଟଣା ଛକ ପାଟପୁରଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପାଇକରାପୁର ଶାଖାରେ ୨୦୨୬ ନୂତନ ବର୍ଷ ଉପଲକ୍ଷେ ଏକ ଗ୍ରାହକ ସଂପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ୟାଙ୍କ ଶାଖା ପରିଚାଳକ ବିଶ୍ୱରଂଜନ ଭଦ୍ରଙ୍କ ସଂଯୋଜନାରେ ବ୍ୟାଙ୍କକୁ ଆସିଥିବା ଗ୍ରାହକଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଡେପୁଟି ମ୍ୟାନେଜର ଶ୍ରୀତମ୍ କୁମାର ରଥ, ଏଗ୍ରିକଲଚର ଅଫିସର ସାମନ୍ତ ପଣ୍ଡା, କ୍ୟାସିୟର ଅବକାଶ ବେହେରା, ଯଶୋବନ୍ତ ସାହୁ, ସଚ୍ଚିଦାନନ୍ଦ ପଣ୍ଡାଙ୍କୁ ପ୍ରତ୍ୟେକ ପଞ୍ଚାୟତରେ ଚାଲିଥିବା ଆମ ବ୍ୟାଙ୍କର କର୍ମଚାରୀମାନେ ସମ୍ବର୍ଦ୍ଧିତ କରିଥିଲେ। ବିସି ଲକ୍ଷ୍ମୀପ୍ରିୟା ସାହୁ, ସମୀର କୁମାର ମିଶ୍ର, ହିମାଂଶୁ ଶେଖର ପୃଷ୍ଟି, ଚିନ୍ମୟ ବିଶ୍ୱାଳ, କଲ୍ୟାଣୀ ବରାଳ, ସାଗର କୁମାର ଦଳାଇ, ଲିସାଲି ସ୍ୱାଇଁ, ମଧୁଛନ୍ଦା ଲେଙ୍କା ଉପସ୍ଥିତ ଥିଲେ। କର୍ମଚାରୀମାନେ ଶାଖା ପରିଚାଳକ ଶ୍ରୀ ଭଦ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ସାମାଜିକ ସଂଗଠନର ସଭା

କନ୍ଦରପୁର, ୧।୧ (ସମିସ): କଟକ ସଦରର ଅଗ୍ରଣୀ ସାମାଜିକ ସଂଗଠନ 'ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ'ର ସଭାପତି ସମାଜସେବୀ ଶିକ୍ଷାବିତ ପ୍ରଫେସର ମନୋଜ ନାୟକଙ୍କ ନେତୃତ୍ୱରେ ଗୁରୁବାର ଏକ ସ୍ୱତନ୍ତ୍ର ନବବର୍ଷ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ନାୟକ ସମସ୍ତଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ। କଳପଡା କଦମ୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶତାଧିକ ଶୁଭେଚ୍ଛୁ ଓ ସମର୍ଥକଙ୍କ ଗହଣରେ ସେ ନୂଆବର୍ଷ ଅବସରରେ ସମସ୍ତଙ୍କ ଶୁଭ କାମନା କରିଥିଲେ। ପରିଚାଳନାରେ ୟୁନିୟନର ବରିଷ୍ଠ ଉପଦେଷ୍ଟା ବିଜୟ କୁମାର ନାୟକ, ବିଭୂତି ଭୂଷଣ ପରିଡ଼ା, ପ୍ରକାଶ ମାଝି, ସୁନୀଲ ମୁଦୁଲି, ପିଙ୍କି ଭୋଇ ପ୍ରମୁଖ ବହୁ ସଦସ୍ୟ ସହଯୋଗ କରିଥିଲେ।



## ଖଣ୍ଡାୟତ ପଟକିରା ଉଚ୍ଚବିଦ୍ୟାଳୟ ୧୯୭୭ ମାଟ୍ରିକ୍ ବ୍ୟାଚ୍ ବନ୍ଧୁ ମିଳନ



ନିଶ୍ଚିନ୍ତକୋଇଲି, ୧।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡାୟତ ପଟକିରା ଉଚ୍ଚବିଦ୍ୟାଳୟ ୧୯୭୭ ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଲୁଣାନଦୀ ତଟ ମା' ରାମଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ନିମାଇଁ ଚରଣ ରାଉତରାୟଙ୍କ ସଂଯୋଜନାରେ ଏଥିରେ ଅଭିରାମ ଜେନା, ବିଜୟ କୁମାର ନାୟକ, ସନାତନ ମଲ୍ଲିକ, ଦେବେନ୍ଦ୍ର ତ୍ରିପାଠୀ, ବେଣୁଧର ସାହୁ, ତୈଳୋକ ବିଶ୍ୱାଳ, କାଳନ୍ଦୀ ଦାଶ, ଦେବକାନ୍ତ ତ୍ରିପାଠୀ, ନଗେନ ପ୍ରଧାନ, ଧନେଶ୍ୱର ସେଠୀ, ଗୌରାଙ୍ଗ ବେଉରା, ବସନ୍ତ ନାୟକ, ଜଗବନ୍ଧୁ ନାୟକ, ପିତାମ୍ବର ପରିଡା, ଧୀର ଦାସ, ରାଜକିଶୋର ଲେଙ୍କା, ନିତ୍ୟାନନ୍ଦ ରାଉତ, ଦେବକୀ ମିଶ୍ର, ଗୀତାଞ୍ଜଳୀ ରାଉତରାୟ, ପ୍ରତିମା ପଣ୍ଡା, ବୈରାଗୀ ନାୟକ ପ୍ରମୁଖ ଅଭୁଲା ସ୍ମୃତିକୁ ମନେ ପକାଇ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ଛାତ୍ରୀମାନେ ମା'ଙ୍କ ପୀଠସ୍ଥଳୀକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ସୁଖଦୁଃଖ ସମୟରେ ସହପାଠୀମାନେ ପରସ୍ପର ମଧ୍ୟରେ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଜ୍ଞା ନେଇଥିଲେ।

## ଜଗୁ ଦାସ ଗୋସ୍ୱାମୀଙ୍କ ବାର୍ଷିକ ମହୋତ୍ସବ

କିଶନନଗର, ୧।୧ (ସମିସ): କଟକ ସଦର ଅନ୍ତର୍ଗତ ଅର୍ଚ୍ଚିଲି-କମରପଦାସ୍ଥିତ ଶ୍ରୀ ଶ୍ରୀ ମହାପୁରୁଷ ଜଗୁଦାସ ଗୋସ୍ୱାମୀଙ୍କ ୨୬ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ୪ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରତ୍ୟେକ ଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ କମରପଦା, ଅର୍ଚ୍ଚିଲି, ପାରାବିଲ, କୋଟୁଆଁ, ଯଶପଡ଼ା, ଧରିଣା, ରାମ କୁମାରପୁର, ଶଙ୍ଖପୁର ଆଦି ଅଞ୍ଚଳର ଠାକୁରଙ୍କ ଭକ୍ତମାନେ ନାମ ସଙ୍କୀର୍ତ୍ତନ ଚତୁର୍ଥ ପ୍ରହର ନାମଯଜ୍ଞ ଆଦି କରିଥିଲେ। ଉକ୍ତ ମହୋତ୍ସବରେ ଶହ ଶହ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ମୀନା ବଜାର ବିଶେଷ ଆକର୍ଷଣ ଥିଲା। ଉକ୍ତ କାର୍ଯ୍ୟକ୍ରମଟି ଠାକୁରଙ୍କ ସେବକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

**ନବପ୍ରଭାତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ବାର୍ଷିକ ଉତ୍ସବ ଉଦ୍‌ଯାପିତ**

## ଛାତ୍ରଛାତ୍ରୀ ନିଷ୍ଠାର ସହ ଅଧ୍ୟୟନ କଲେ ଶୀର୍ଷକୁ ଯାଇପାରିବେ

ସାଲେପୁର,୧।୧(ସମିସ):





ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା ବଳରେ ଶୀର୍ଷ ସ୍ଥାନକୁ ପହଞ୍ଚିପାରିବେ ବୋଲି ସାଲେପୁର ବ୍ଲକ୍‌ସ୍ଥିତ ସୁନାଖଣ୍ଡୀ ଗ୍ରାମରେ ପ୍ରତିଷ୍ଠିତ ନବପ୍ରଭାତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ନବପ୍ରଭାତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷା ମୋନାଲିସା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟାପକ ନିର୍ମଳ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାପର ଭାବରେ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବରିଷ୍ଠ ଶିକ୍ଷକ ତଥା ସମାଜସେବୀ ପ୍ରଦ୍ୟୁମ୍ନ ବାରିକ, ସ୍ଥାନୀୟ ସରପଞ୍ଚ ଶିବପ୍ରସାଦ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ନବ ପ୍ରଭାତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଚେୟାରମ୍ୟାନ୍ ତଥା ସଂପାଦକ ଇଂ ମାନଗୋବିନ୍ଦ ପଣ୍ଡା ଏହି ଅନୁଷ୍ଠାନ କିଭଳି ଭାବରେ ଦୀର୍ଘବର୍ଷ ଧରି ଏହି ଅଞ୍ଚଳରେ ପ୍ରତିଷ୍ଠିତ ହୋଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରିଆସୁଛି, ତାହାନେଇ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ରୂପେ ଅଧ୍ୟାପକ ଶଶାଙ୍କ ଶେଖର ଶାନ୍ତିଙ୍କ ସମେତ ବହୁ ଅତିଥି ଯୋଗ ଦେଇଥିଲେ। ଅଧ୍ୟାପିକା ରାଜେଶ୍ୱରୀ ସ୍ୱାଇଁ, ଅଧ୍ୟାପକ ନିହାର ଶତପଥି, ପ୍ରତ୍ୟୁଷ କର, ମୋନାଲିସା ରାୟ, ନର୍ମଦା ସାମଲ, ପ୍ରଦୀପ୍ତ ନାୟକ, ନୁସରତ ଫତିମା, ସବେୟା ଖାତୁନ୍, ହିମାଂଶୁ ମୋହନ ବାରିକ, ବ୍ରାହ୍ମି କର, ସତ୍ୟବ୍ରତ ପରିଡ଼ା, ଜିତେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ।

